# NATIONAL NEWS BULLETIN (ODIA)

## 12 June - 2024

## Evening Bulletin : 7.15 p.m.

**********************************

## ମୁଖ୍ୟ ସମ୍ବାଦ

- ଅଷ୍ଟାଦଶ ଲୋକସଭାର ପ୍ରଥମ ଅଧିବେଶନ ଚଳିତ ମାସ ୨୪ ତାରିଖରୁ ଆରମ୍ଭ।
- ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜି-୭ ବୈଠକରେ ଯୋଗଦେବା ପାଇଁ ଆସନ୍ତାକାଲି ଇଟାଲୀ ଅଭିମୁଖେ କରିବେ ଯାତ୍ରା।
- ଓଡ଼ିଶାର ପଞ୍ଚଦଶ ମୁଖ୍ୟମନ୍ତ୍ରୀ ଭାବେ ବରିଷ୍ଠ ବିଜେପି ନେତା ମୋହନ ଚରଣ ମାଝୀ ନେଲେ ଶପଥ।
- ଅନ୍ତର୍ଜାତୀୟ ନିଶା ନିବାରଣ ଓ ବେଆଇନ ଚାଲାଣ ନିରୋଧୀ ଦିବସ ଅବସରରେ ଆଜିଠାରୁ ସାରା ଦେଶରେ ଆରମ୍ଭ ହେଲା ନିଶାମୁକ୍ତ ଭାରତ ପକ୍ଷ।

ଏବଂ

- ଟି-୨୦ ବିଶ୍ୱକପ୍ କ୍ରିକେଟ ପ୍ରତିଯୋଗିତାରେ ଆଜି ଆମେରିକା ଓ ଭାରତ ମଧ୍ୟରେ ହେବ ମୁକାବିଲା।

# ୧୮ତମ ଲୋକସଭା

ଅଷ୍ଟାଦଶ ଲୋକସଭାର ପ୍ରଥମ ଅଧିବେଶନ ଚଳିତ ମାସ ୨୪ ତାରିଖରୁ ଆରମ୍ଭ ହେବ। ଏହି ଅଧିବେଶନରେ ନବନିର୍ବାଚିତ ସଦସ୍ୟମାନେ ଶପଥ ଗ୍ରହଣ କରିବେ ଏବଂ ଲୋକସଭା ବାଚସ୍ପତି ନିର୍ବାଚିତ ହେବେ। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଲୋକସଭା ଓ ରାଜ୍ୟସଭାର ମିଳିତ ଅଧିବେଶନକୁ ସମ୍ବୋଧନ କରିବେ ଏବଂ ତାଙ୍କ ଅଭିଭାଷଣର ଚଳିତ ଅଧିବେଶନରେ ଆଲୋଚନା କରାଯିବ। ସେହିଭଳି ଚଳିତ ମାସ ୨୭ ତାରିଖରେ ରାଜ୍ୟସଭାର ଅଧିବେଶନ ଆରମ୍ଭ ହେବ। ସଂସଦର ଅଧିବେଶନ ଆସନ୍ତା ମାସ ୩ ତାରିଖରେ ଶେଷ ହେବ। ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି, ଦେଶର ଜନସାଧାରଣ ସେମାନଙ୍କ ନିଷ୍ପତ୍ତି ନେଇସାରିଛନ୍ତି, ଏବେ ରାଷ୍ଟ୍ରସେବାରେ ସାଂସଦମାନେ ନିଜକୁ ଉତ୍ସର୍ଗ କରିବେ। ସେ କହିଛନ୍ତି, ୧୪୦ କୋଟି ଭାରତୀୟଙ୍କର ଆଶା ଆକାଂକ୍ଷାକୁ ପୂର୍ଣ୍ଣ କରିବା ଦିଗରେ ଆଲୋଚନା, ପର୍ଯ୍ୟାଲୋଚନା, ତର୍କ ପାଇଁ ସଂସଦ ଏକ ପ୍ରକୃଷ୍ଟ ମଞ୍ଚ।

# ପିଏମ୍- ଇଟାଲୀ ଭିଜିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜି-୭ ବୈଠକରେ ଯୋଗଦେବା ପାଇଁ ଆସନ୍ତାକାଲି ଇଟାଲୀର ଆପୁଲିଆ ଅଭିମୁଖେ ଯାତ୍ରା କରିବେ। ନୂଆଦିଲ୍ଲୀରେ ସାମ୍ବାଦିକମାନଙ୍କୁ ସୂଚନା ଦେଇ ବୈଦେଶିକ ସଚିବ ବିନୟ କ୍ୱାତ୍ରା କହିଛନ୍ତି, ଆସନ୍ତା ୧୪ ତାରିଖରେ ହେବାକୁ ଥିବା ଏହି ବୈଠକ ପାଇଁ ଭାରତକୁ ନିମନ୍ତ୍ରଣ କରାଯାଇଛି। ସେ କହିଛନ୍ତି, ତୃତୀୟ ଥର ପାଇଁ ପ୍ରଧାନମନ୍ତ୍ରୀ ଦାୟିତ୍ୱ ଗ୍ରହଣ କରିବା ପରେ ଶ୍ରୀ ମୋଦୀଙ୍କର ଏହା ପ୍ରଥମ ବିଦେଶ ଗସ୍ତ। ଏହି ଅବସରରେ ଶ୍ରୀ ମୋଦୀ ଜି-୭ ରାଷ୍ଟ୍ର ନେତାଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି। ଭାରତ ଏକାଦଶ ଥର ପାଇଁ ଏଥିରେ ଭାଗ ନେଉଥିବାବେଳେ ପ୍ରଧାନମନ୍ତ୍ରୀଙ୍କର ଏହା ହେବ ପଞ୍ଚମ ଜି-୭ ବୈଠକରେ ଅଂଶଗ୍ରହଣ। ଏହି ଅବସରରେ ପ୍ରଧାନମନ୍ତ୍ରୀ ଜି-୭ ରାଷ୍ଟ୍ର ନେତାଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା କରିବେ। ସେ ମଧ୍ୟ ଇଟାଲୀର ପ୍ରଧାନମନ୍ତ୍ରୀ ଜର୍ଜିଆ ମେଲୋନିଙ୍କ ସହ ଆଲୋଚନା କରିବେ। ଉଭୟ ନେତା ଗତବର୍ଷ ଆବୁଧାବିରେ କପ୍-୨୮ ସମ୍ମିଳନୀ ଅବସରରେ ସାକ୍ଷାତ ଆଲୋଚନା କରିଥିଲେ। ଏକ ପ୍ରଶ୍ନର ଉତ୍ତର ଦେଇ ବୈଦେଶିକ ସଚିବ ଶ୍ରୀ କ୍ୱାତ୍ରା କହିଛନ୍ତି, ସ୍ୱିଜରଲାଣ୍ଡରେ ହେବାକୁ ଥିବା ଶାନ୍ତି ଶିଖର ସମ୍ମିଳନୀରେ ଭାରତ ଉପଯୁକ୍ତ ସ୍ତରରେ ଅଂଶଗ୍ରହଣ କରିବ। ଚଳିତ ମାସରେ ସ୍ୱିଜରଲାଣ୍ଡ ପକ୍ଷରୁ ଆୟୋଜିତ ହେବାକୁ ୟୁକ୍ରେନ ଶାନ୍ତିଶିଖର ସମ୍ମିଳନୀରେ ପ୍ରାୟ ୯୦ଟି ଦେଶ ଅଂଶଗ୍ରହଣ କରିବେ।

## ମୁଖ୍ୟମନ୍ତ୍ରୀ-ଶପଥଗ୍ରହଣ

ଓଡ଼ିଶାର ପଞ୍ଚଦଶ ମୁଖ୍ୟମନ୍ତ୍ରୀ ଭାବେ ବରିଷ୍ଠ ବିଜେପି ନେତା ମୋହନ ଚରଣ ମାଝି ଆଜି ଶପଥ ଗ୍ରହଣ କରିଛନ୍ତି । ଅପରାହ୍ଣରେ ଭୁବନେଶ୍ୱରର ଜନତା ମଇଦାନରେ ଆୟୋଜିତ ଶପଥ ଗ୍ରହଣ ସମାରୋହରେ ରାଜ୍ୟପାଳ ରଘୁବର ଦାସ ତାଙ୍କୁ ପଦ ଓ ଗୋପନୀୟତାର ଶପଥପାଠ କରାଇଛନ୍ତି ।

ଏହି ସମାରୋହରେ ଉପ ମୁଖ୍ୟମନ୍ତ୍ରୀ ଭାବେ କନକ ବର୍ଦ୍ଧନ ସିଂହଦେଓ ଓ ପ୍ରଭାତି ପରିଡ଼ା ମଧ୍ୟ ଆଜି ଶପଥ ନେଇଛନ୍ତି ।

ମୁଖ୍ୟମନ୍ତ୍ରୀ ଏବଂ ଉପ ମୁଖ୍ୟମନ୍ତ୍ରୀଙ୍କ ସହ ଅନ୍ୟ ୧୩ଜଣ ରାଜ୍ୟ ମନ୍ତ୍ରିମଣ୍ଡଳର ସଦସ୍ୟଭାବେ ଶପଥ ନେଇଛନ୍ତି । ସେମାନଙ୍କ ମଧ୍ୟରେ ୮ଜଣ କ୍ୟାବିନେଟ୍ ପାହ୍ୟା ଏବଂ ୫ ଜଣ ସ୍ୱାଧୀନ ରାଷ୍ଟ୍ରମନ୍ତ୍ରୀ ଭାବେ ଶପଥ ନେଇଛନ୍ତି ।

କ୍ୟାବିନେଟ୍ ମନ୍ତ୍ରୀ ଭାବେ ସୁରେଶ ପୂଜାରୀ, ରବିନାରାୟଣ ନାଏକ, ନିତ୍ୟାନନ୍ଦ ଗଣ୍ଡ, କୃଷ୍ଣଚନ୍ଦ୍ର ପାତ୍ର, ପୃଥ୍ୱୀରାଜ ହରିଚନ୍ଦନ, ଡକ୍ଟର ମୁକେଶ ମହାଲିଙ୍ଗ, ବିଭୁତି ଭୂଷଣ ଜେନା ଓ ଡକ୍ଟର କୃଷ୍ଣଚନ୍ଦ୍ର ମହାପାତ୍ର ରହିଛନ୍ତି । ସ୍ୱାଧୀନ ରାଷ୍ଟ୍ରମନ୍ତ୍ରୀଙ୍କ ମଧ୍ୟରେ ଗଣେଶରାମ ସିଂହ ଖୁଣ୍ଟିଆ, ସୂର୍ଯ୍ୟବଂଶୀ ସୂରଜ, ପ୍ରଦୀପ ବଳସାମନ୍ତ, ଗୋକୁଳାନନ୍ଦ ମଲ୍ଲିକ, ଓ ସମ୍ପଦ ଚନ୍ଦ୍ର ସ୍ୱାଇଁ ଅଛନ୍ତି ।

ଏହି ଶପଥଗ୍ରହଣ ସମାରୋହରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂହ, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା, କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ଜେ.ପି. ନଡ୍ଡା, ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ, ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ରେଳ ତଥା ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ସମେତ ବିଜେପି ଶାସିତ ରାଜ୍ୟଗୁଡ଼ିକର ମୁଖ୍ୟମନ୍ତ୍ରୀ ଏବଂ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯୋଗ ଦେଇଥିଲେ ।

## ସିକ୍କିମ- ଇଲେକ୍ଟେଡ ସ୍ପିକର

ଏକାଦଶ ସିକ୍କିମ ବିଧାନସଭାର ପ୍ରଥମ ଅଧିବେଶନ ଆଜି ପ୍ରୋଟେମ-ସ୍ପିକର ସଞ୍ଜୀତ ଖାରେଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ଶାସକ ସିକ୍କିମ କ୍ରାନ୍ତିକାରୀ ମୋର୍ଚ୍ଚାର ପ୍ରାର୍ଥୀ ଓ ପୂର୍ବତନ ମନ୍ତ୍ରୀ ମିଙ୍ଗ୍‌ମା ନୋର୍ବୁ ସେରପାଙ୍କୁ ଗୃହରେ ସଦସ୍ୟମାନେ ସର୍ବସମ୍ମତିକ୍ରମେ ବାଚସ୍ପତି ଭାବେ ନିର୍ବାଚିତ କରିଛନ୍ତି। ସେହିଭଳି ସଦସ୍ୟ ରାଜକୁମାରୀ ଥାପାଙ୍କୁ ଉପବାଚସ୍ପତି ଭାବେ ନିର୍ବାଚିତ କରାଯାଇଛି। ଆଜି ଅଧିବେଶନର ଆରମ୍ଭରେ ନବନିର୍ବାଚିତ ସଦସ୍ୟମାନେ ଶପଥପାଠ କରିଥିଲେ। ସୂଚନାଯୋଗ୍ୟ, ସିକ୍କିମ କ୍ରାନ୍ତିକାରୀ ମୋର୍ଚ୍ଚା ରାଜ୍ୟର ମୋଟ୍ ୩୨ଟି ଆସନ ମଧ୍ୟରୁ ୩୧ଟିରେ ବିଜୟୀ ଲାଭ କରି ପୁଣି ଥରେ ଦ୍ୱିତୀୟଥର ପାଇଁ ଶାସନ ହାତକୁ ନେଇଛି। ନବନିର୍ବାଚିତ ବାଚସ୍ପତି ଓ ଉପବାଚସ୍ପତି ସଦସ୍ୟମାନଙ୍କୁ ଧନ୍ୟବାଦ ଦେଇଥିଲେ। ବାଚସ୍ପତି ଗୃହରେ ସଦସ୍ୟମାନେ ସହଯୋଗ ଓ

ସମର୍ଥନ  ଯୋଗାଇ ଦେବେ ବୋଲି ଆଶା କରି ଗୃହକାର୍ଯ୍ୟକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ମୁଲତବୀ ରଖିଥିଲେ।

## ଏଗ୍ରିକଲଚ୍‌ର ଫାର୍ମସ

କୃଷିମନ୍ତ୍ରୀ ଶିବରାଜ ସିଂ ଚୌହ୍ୱାନ ଆଜି ତାଙ୍କ ମନ୍ତ୍ରଣାଳୟରେ ବରିଷ୍ଠ ଅଧିକାରୀଙ୍କ ସହ ୧୦୦ ଦିନିଆ  କୃଷି କାର୍ଯ୍ୟ ଯୋଜନା ଉପରେ ବିସ୍ତୃତ ଆଲୋଚନା କରିଛନ୍ତି। କୃଷିଭିତ୍ତିକ କାର୍ଯ୍ୟ ଉପରେ ଅଧିକ ଧ୍ୟାନ ଦେଇ ପ୍ରଧାନମନ୍ତ୍ରୀଙ୍କ ସଂକଳ୍ପ ଅନୁଯାୟୀ, ଦ୍ରୁତଗତିରେ କାର୍ଯ୍ୟ ସମ୍ପନ୍ନ କରିବା ପାଇଁ ସେ ଅଧିକାରୀମାନଙ୍କୁ କହିଛନ୍ତି। କୃଷିକ୍ଷେତ୍ରକୁ ସୁଦୃଢ଼ କରିବା ପାଇଁ ବଳିଷ୍ଠ ପଦକ୍ଷେପ ନେବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ଚାଷୀଙ୍କୁ ଗୁଣାତ୍ମକ ସାର, ବିହନ ଏବଂ ଅନ୍ୟାନ୍ୟ ସାମଗ୍ରୀ ପ୍ରାଥମିକତା ଭିତ୍ତିରେ ଯୋଗାଇ ଦେବା ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି। କୃଷିକ୍ଷେତ୍ରରେ ଚାଷୀମାନେ ଯେପରି କୌଣସି ଅସୁବିଧାର ସମ୍ମୁଖୀନ ନ ହୁଅନ୍ତି ସେଥିପାଇଁ ଧ୍ୟାନ ଦେବାକୁ ଶ୍ରୀ ଚୌହ୍ୱାନ ପରାମର୍ଶ ଦେଇଛନ୍ତି।

## ରେଲୱ୍ୱେ- ରିଭ୍ୟୁ ମିଟିଂ

ରେଳରାଷ୍ଟ୍ର ମନ୍ତ୍ରୀ ରବନୀତ ସିଂ ନୂଆଦିଲ୍ଲୀରେ ରେଳ ବୋର୍ଡ ସଦସ୍ୟଙ୍କ ସହ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ କରିଛନ୍ତି। ଏହି ବୈଠକରେ ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସ୍ୱପ୍ନକୁ ସାକାର କରିବା ଏବଂ ଭାରତୀୟ ରେଳବାଇକୁ ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ରେଳବାଇରେ ପରିଣତ

କରିବା ପାଇଁ ମିଳିତ ଭାବେ କାର୍ଯ୍ୟ କରିବାକୁ ଅଧିକାରୀମାନଙ୍କୁ ଆହ୍ୱାନ ଦେଇଛନ୍ତି। ସାଧାରଣ ଲୋକଙ୍କ ପାଇଁ ରେଳବାଇ ଏକ ସୁବିଧାଜନକ ପରିବହନ ମାଧ୍ୟମ। ଭାରତୀୟ ରେଳବାଇ ସମସ୍ତ ବର୍ଗ ବିଶେଷ କରି ଗରିବଙ୍କ ପାଇଁ ସମସ୍ତ ପ୍ରକାର ପ୍ରୟାସ କରିବା ଉଚିତ ବୋଲି ଶ୍ରୀ ସିଂ ଗୁରୁତ୍ୱାରୋପ କରିଛନ୍ତି। ଏହି ଅବସରରେ ରେଳବାଇ ବୋର୍ଡ ସଦସ୍ୟମାନେ ରେଳବାଇର ସଂକ୍ଷିପ୍ତ ବିବରଣୀ ଉପସ୍ଥାପନ କରିବା ସହ ରେଳବାଇରେ ଚାଲିଥିବା ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ମନ୍ତ୍ରୀଙ୍କୁ ଅବଗତ କରାଇଥିଲେ।

## ଇଣ୍ଡିଆନ୍ ଆର୍ମି- କାରଗିଲ୍

କାର୍ଗିଲ ଯୁଦ୍ଧରେ ପାକିସ୍ତାନ ବିପକ୍ଷରେ ଭାରତର ବିଜୟର ୨୫ତମ ବାର୍ଷିକୀ ପାଳନ ଅବସରରେ ଭାରତୀୟ ସେନା ଆଜି ଏକ ସର୍ବଭାରତୀୟ ମୋଟର ସାଇକେଲ ଅଭିଯାନ ଆରମ୍ଭ କରିଛି। ପ୍ରତିରକ୍ଷା ମନ୍ତ୍ରଣାଳୟ କହିଛି, ଏହି ଯାତ୍ରା ଆମ ଦେଶର ବୀର ଯବାନଙ୍କ କୃତିତ୍ୱପୂର୍ଣ୍ଣ ଅବଦାନ ଓ ଐତିହ୍ୟର ଗୁଣଗାନ କରୁଛି। ୮ଜଣିଆ ମୋଟର ସାଇକେଲ ଚାଳକଙ୍କୁ ନେଇ ୩ଟି ଦଳ ଦେଶର ତିନୋଟି ଐତିହାସିକ ସ୍ଥାନ ଆସାମର ଦିନ୍ୟାନ, ଗୁଜୁରାଟର ଦ୍ୱାରକା, ତାମିଲନାଡୁର ଧନୁଶଖୁଡ଼ିକୁ ସେମାନେ ଯାତ୍ରା ଆରମ୍ଭ କରିଛନ୍ତି। ଏହି ଚାଳକମାନେ ବିଭିନ୍ନ ଅଞ୍ଚଳ ଏବଂ ଆହ୍ୱାନପୂର୍ଣ୍ଣ ମାର୍ଗ ଅତିକ୍ରମ କରିବେ। ମନ୍ତ୍ରଣାଳୟ କହିଛି, ଏହି ଚାଳକମାନେ ସେମାନଙ୍କ ଯାତ୍ରାପଥରେ ରହୁଥିବା କାରଗିଲ୍ ଯୁଦ୍ଧର ବୀର ଏବଂ ବୀର

ନାରୀଙ୍କ ସହ ଯୋଗାଯୋଗ କରିବେ। ସେମାନେ ରାସ୍ତାରେ ଥିବା ଯୁଦ୍ଧସ୍ମାରକୀରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବେ। ଯୁବକମାନଙ୍କୁ ଭାରତୀୟ ସେନାରେ ଯୋଗଦେବା ପାଇଁ ଉତ୍ସାହିତ କରିବେ। ସେମାନେ ଚଳିତ ମାସ ୨୬ ତାରିଖରେ ଦିଲ୍ଲୀରେ ପୁଣି ଏକାଠି ହେବେ।

## ଏନ୍‌ଏଚ୍‌ଆର୍‌ସି- ୱିଡୋ।

ଜାତୀୟ ମାନବାଧିକାର ଆୟୋଗ (ଏନଏଚ୍‌ଆର୍‌ସି) ବିଧବା ମହିଳାଙ୍କ କଲ୍ୟାଣ ଏବଂ ସେମାନଙ୍କ ମାନବିକ ଅଧିକାରର ସୁରକ୍ଷା ସୁନିଶ୍ଚିତ କରିବା ଲାଗି କେନ୍ଦ୍ର ରାଜ୍ୟ, ସରକାର ଏବଂ କେନ୍ଦ୍ରଶାସିତ ଅଞ୍ଚଳ ପ୍ରଶାସନ ପାଇଁ ପରାମର୍ଶବଳୀ ଜାରି କରିଛନ୍ତି। ବିଧବାମାନଙ୍କ ପାଇଁ କଲ୍ୟାଣକାରୀ ଯୋଜନାର ସୁଫଳ ଯେପରି ସିଙ୍ଗିଲ୍ ୱିଣ୍ଡୋ ବ୍ୟବସ୍ଥା ଜରିଆରେ ସେମାନଙ୍କ ପାଖରେ ପହଁଞ୍ଚିବ ତାହା ସୁନିଶ୍ଚିତ କରିବାକୁ କମିଶନ ପରାମର୍ଶ ଦେଇଛନ୍ତି। ସେମାନଙ୍କ ପାଇଁ ଆଶ୍ରୟସ୍ଥଳୀର ବିକାଶ ଓ ରକ୍ଷଣାବେକ୍ଷଣ ସୁନିଶ୍ଚିତ କରିବା, ସମ୍ପତ୍ତିର ସମାନ ଉପଲବ୍ଧତା, ଶୋଷଣରୁ ସୁରକ୍ଷା, ଦକ୍ଷତା ବିକାଶ, ସହଜ ବ୍ୟାଙ୍କିଂ ଏବଂ ଆର୍ଥିକ ସ୍ୱାଧୀନତା ଏବଂ ସ୍ୱାସ୍ଥ୍ୟସେବା ଉପଲବ୍ଧତା ସୁନିଶ୍ଚିତ କରିବା ଭଳି ୧୦ଟି ପ୍ରମୁଖ କ୍ଷେତ୍ର ଉପରେ ଏହି ପରାମର୍ଶରେ ଗୁରୁତ୍ୱାରୋପ କରାଯାଇଛି। ପରାମର୍ଶବଳୀରେ କୁହାଯାଇଛି, ଏହି ଯୋଜନାର କାର୍ଯ୍ୟକାରିତା ପାଇଁ ଜିଲ୍ଲାପାଳଙ୍କୁ ଉତ୍ତରଦାୟୀ କରାଯିବା ଉଚିତ।

## ପିଏମ୍-କୁଏତ ଫାୟାର

କୁଏତ ସହରରେ ଘଟିଥିବା ଅଗ୍ନିକାଣ୍ଡ ଘଟଣାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗଭୀର ଦୁଃଖପ୍ରକାଶ କରିଛନ୍ତି। ଏକ ବାର୍ତ୍ତାରେ ଶ୍ରୀ ମୋଦୀ ଏହି ଦୁର୍ଘଟଣାରେ ନିଜର ପ୍ରିୟଜନଙ୍କୁ ହରାଇଥିବା ସମସ୍ତଙ୍କ ପ୍ରତି ତାଙ୍କର ସମବେଦନା ରହିଥିବା ପ୍ରକାଶ କରିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି, ଭାରତୀୟ ଦୂତାବାସ କୁଏତର ପରିସ୍ଥିତି ଉପରେ ନଜର ରଖିଛି ଏବଂ ପ୍ରଭାବିତଙ୍କୁ ସାହାଯ୍ୟ କରିବା ପାଇଁ ସେଠାକାର କର୍ତ୍ତୃପକ୍ଷଙ୍କ ସହ କାର୍ଯ୍ୟ କରୁଛି।

## ଏନ୍‌ସିବି- ଡ୍ରଗ୍ ବ୍ୟୁରୋ ଇଣ୍ଡିଆ

ଅନ୍ତର୍ଜାତୀୟ ନିଶାନିବାରଣ ଓ ବେଆଇନ ଚାଲାଣ ନିରୋଧୀ ଦିବସ ଅବସରରେ– ଏନ୍‌ସିବି ପକ୍ଷରୁ ଆଜିଠାରୁ ସାରା ଦେଶରେ ନିଶାମୁକ୍ତ ଭାରତ ପକ୍ଷ ପାଳନ କରାଯାଉଛି। ନିଶାଦ୍ରବ୍ୟର କୁପ୍ରଭାବ ବିଷୟରେ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଏହି ଦିବସ ପାଳନର ଉଦ୍ଦେଶ୍ୟ। ଏନ୍‌ସିବି ଏକ ବିବୃତିରେ କହିଛି, ଅଧିକରୁ ଅଧିକ ନାଗରିକଙ୍କୁ ନିଶାଦ୍ରବ୍ୟ ବିରୁଦ୍ଧରେ 'ଇ-ପ୍ରତିଶ୍ରୁତି' ନେବାକୁ ପ୍ରୋତ୍ସାହିତ କରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ସରକାର ନିଶାମୁକ୍ତ ଭାରତ ପାଇଁ ନିଜର ଅତୁଟ ପ୍ରତିବଦ୍ଧତାକୁ ଦୋହରାଇଛନ୍ତି। ପ୍ରତିବର୍ଷ ଜୁନ୍ ୨୬ ତାରିଖକୁ

ଅନ୍ତର୍ଜାତୀୟ ନିଶାଦ୍ରବ୍ୟ ଅପବ୍ୟବହାର ଓ ବେଆଇନ ଚାଲାଣ ନିରୋଧୀ ଦିବସ ଭାବେ ଜାତିସଂଘ ଘୋଷଣା କରିଛି ।

## ଟି-ଟ୍ୱେଣ୍ଟି ବିଶ୍ୱକପ୍

ଟି-୨୦ ବିଶ୍ୱକପ୍ କ୍ରିକେଟ ପ୍ରତିଯୋଗିତାରେ ଆଜି ଆମେରିକା ଓ ଭାରତ ପରସ୍ପରକୁ ଭେଟିବେ । ଗ୍ରୁପ୍-ଏ ର ଏହି ଲିଗ୍ ପର୍ଯ୍ୟାୟ ମ୍ୟାଚ୍ ନିଉୟର୍କର ନାସାଓ କାଉଣ୍ଟି ଆନ୍ତର୍ଜାତିକ ଷ୍ଟାଡିୟମରେ ଭାରତୀୟ ସମୟ ରାତି ୮ଟାରେ ଖେଳାଯିବ । ଉଭୟ ଦଳ ୨ଟି ଲେଖାଏଁ ମ୍ୟାଚ୍ ଜିତିଥିବାରୁ ତୃତୀୟ ବିଜୟ ସହ ସୁପର୍-8 ରେ ସ୍ଥାନ ସୁରକ୍ଷିତ ରଖିବାକୁ ଉଦ୍ୟମ କରିବେ ।  ଆୟାରଲ୍ୟାଣ୍ଡ ଏବଂ ପାକିସ୍ତାନ ବିପକ୍ଷରେ ଭାରତ ଖେଳିଥିବା ଦୁଇଟି ଯାକ ମ୍ୟାଚ୍ ଜିତିଛି ।